ଏମ୍.ସି. ମେହେତା

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

28 ଜୁଲାଇ 1998

[ଡ. ଏ.ଏସ୍. ଆନନ୍ଦ, ବି.ଏନ୍. କିରପାଲ ଏବଂ ଭି.ଏନ୍. ଖାରେ ନ୍ୟାୟମୂର୍ତ୍ତିବୃନ୍ଦ]

*ପରିବେଶ ପ୍ରଦୂଷଣ :*

*ଦିଲ୍ଲୀରେ ଯାନବାହନ ଯୋଗୁଁ ପ୍ରଦୂଷଣ - ଯାନବାହନ ଜନିତ ପ୍ରଦୂଷଣକୁ ରୋକିବା ଏବଂ ନିୟନ୍ତ୍ରଣ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ପୂର୍ବରୁ ଦେଇଥିବା ନିର୍ଦ୍ଦେଶନାମା - କାର୍ଯ୍ୟାନ୍ୱୟନ - ବାୟୁର ଗୁଣବତ୍ତାର ତୁରନ୍ତ ଉନ୍ନତି ପାଇଁ ସମୟ ସୀମା ପ୍ରଦାନ କରୁଥିବା ଭୁରେଲାଲ କମିଟିର ବିବରଣୀ - ଅନୁମୋଦିତ - ବାୟୁ ପ୍ରଦୂଷଣ ବୃଦ୍ଧି ରୋକିବା ଏବଂ ଭୁରେଲାଲ କମିଟିର ବିବରଣୀ କାର୍ଯ୍ୟକାରୀ କରିବା ପାଇଁ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ପରବର୍ତ୍ତୀ ନିର୍ଦ୍ଦେଶ - ନ୍ୟାୟାଳୟରେ ଅନୁପାଳନ ବିବରଣୀ ଦାଖଲ କରାଯିବ ।*

ଦେୱାନୀ ମୂଳ କ୍ଷେତ୍ରାଧିକାରିତା : ଆଜ୍ଞାଦେଶ ଆବେଦନ (C) ସଂଖ୍ୟା 13029/1986 ଇତ୍ୟାଦି ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ।

ଅତିରିକ୍ତ ସଲିସିଟର ଜେନେରାଲ, ଅଲତାଫ ଅହମ୍ମଦ, ହରିଶ ଏନ୍. ସାଲଭେ, (ଏ.ସି.), ପି.ପି. ମାଲହୋତ୍ରା, ଶାନ୍ତି ଭୂଷଣ, କେ. ପରାସରନ, ଉଦୟ ଉମେଶ ଲଳିତ, ମନୋଜ ପ୍ରସାଦ, କୈଳାସ ବାସଦେବ, ଶ୍ରୀମତୀ ଇନ୍ଦିରା ସାହନୀ, ଅରବିନ୍ଦ କେ. ଶର୍ମା, ଶ୍ରୀମତୀ ଅନୁଭା ଜୈନ, ଶ୍ରୀମତୀ କେ.ପି. ମିତ୍ତଲ, ଶ୍ରୀମତୀ ନିରଞ୍ଜନା ସିଂ, ୱାସିମ ଏ. କ୍ୱାଦରୀ, ଶ୍ରୀମତୀ ଅନୀଲ କଟିୟାର, ସୁଶ୍ରୀ ସ୍ମିତା ଇନ୍ନା, ଡି.ଏସ୍. ମେହେରା, ପ୍ରମୋଦ ବି. ଅଗରୱାଲା, ସୁଶ୍ରୀ ପ୍ରବୀଣା ଗୌତମ, ଅରୁଣେଶ୍ୱର ଗୁପ୍ତା, ଶ୍ରୀଲୋକ ନାଥ ରଥ, ଶ୍ରୀ ନାରାୟଣ, ସନ୍ଦୀପ ନାରାୟଣ, ସୁସିଲ କୁମାର ଜୈନ, ଏ.ପି. ଧମିଜା, ସୁଶ୍ରୀ କିରଣ, ସୁଶ୍ରୀ ଅର୍ପିତା ରୟ ଚୌଧୁରୀ, ସଞ୍ଜୟ କଟାୟାଲ, ବିନୀତ କୁମାର, (ରାଜୀବ ଦତ୍ତ) (ଏନ୍.ପି.), (ଏମ୍.ଏ. ଚିନ୍ନାସ୍ୱାମୀ, (ଏନ୍.ପି.), ଆର୍.ପି. ଗୁପ୍ତା, ଆର୍. ଶଶୀପ୍ରଭୁ, ଆର.କେ. ମାହେଶ୍ୱରୀ, ଅଶୋକ ମାଥୁର, ରଞ୍ଜିତ କୁମାର, ଏଜାଜ ମକବୁଲ, ହର୍ଦୀପ ସିଂହ ଆନନ୍ଦ, ବିଜୟ ପଞ୍ଜୱାନୀ, ଅନୀସ ଅହମ୍ମଦ ଖାନ, ଏଲ.କେ. ପାଣ୍ଡେ, ଏସ.ବି. ଉପାଧ୍ୟାୟ, ଏସ.ଆର. ସେଟିଆ, ସଞ୍ଜୟ ପାରିଖ, ମହାବୀର ସିଂହ ଏବଂ ଦୀନେଶ କୁମାର ଗର୍ଗ ଉପସ୍ଥିତ ଥିବା ପକ୍ଷମାନଙ୍କ ପାଇଁ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ପରିବେଶର ସୁରକ୍ଷା ଏବଂ ଉନ୍ନତିର ଜରୁରୀ ଏବଂ ଗୁରୁତ୍ୱକୁ ହୃଦୟଙ୍ଗମ କରି, ଏହି ନ୍ୟାୟାଳୟ ସମୟ ସମୟରେ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଦିଲ୍ଲୀରେ ଯାନବାହନ ଜନିତ ପ୍ରଦୂଷଣର ତୀବ୍ର ସମସ୍ୟାର ମୁକାବିଲା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କରିଛନ୍ତି । ସକ୍ଷମ ଅଧିକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ସତ୍ୟପାଠ ମାଧମରେ ନ୍ୟାୟାଳୟଙ୍କୁ ଆଶ୍ୱାସନା ଦିଆଯାଇଛି ଯେ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ

ପର୍ଯ୍ୟାୟକ୍ରମେ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯିବ । ଏହି ମାମଲା ଦୀର୍ଘ ସମୟ ଧରି ଏହି ନ୍ୟାୟାଳୟର ଧ୍ୟାନ ଆକର୍ଷଣ କରିବା ଏବଂ ପ୍ରତ୍ୟେକ ଶୁଣାଣି ଉପରେ ଦୀର୍ଘ ବିତର୍କ ସତ୍ତ୍ୱେ, ଯାନବାହନ ଜନିତ ପ୍ରଦୂଷଣକୁ ଯାଞ୍ଚ ଏବଂ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ପ୍ରଶାସନ ଦ୍ୱାରା କିଛି ମୂଲ୍ୟବାନ ପଦକ୍ଷେପ ନିଆଯାଇଥିବା ପରି ମନେହୁଏ ନାହିଁ । ରାଜ୍ୟ ପ୍ରଶାସନର ଏହି ଉଦାସୀନତାରେ ଆମେ ବରଂ ଦୁଃଖିତ, ଯେତେବେଳେ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଶ୍ୱେତପତ୍ର ଅନୁଯାୟୀ, ବାୟୁ ପ୍ରଦୂଷଣର 70 ପ୍ରତିଶତ ଯାନବାହନ ପ୍ରଦୂଷଣ ଜନିତ, ଯାହାଙ୍କ ତୁଳନାତ୍ମକ ଭାବେ 1970 ରେ 20 ପ୍ରତିଶତ ଯୋଗଦାନ କରେ । ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଶ୍ୱେତପତ୍ରରେ, ପ୍ରମୁଖ କାର୍ଯ୍ୟର କାର୍ଯ୍ୟକାରିତା ପାଇଁ 1 ଏପ୍ରିଲ, 1998 ର ଏକ ସମୟସୀମା ପ୍ରସ୍ତାବ ଦିଆଯାଇଥିଲା । ତେବେ 18 ନଭେମ୍ବର 1996 ତାରିଖର ଶପଥ ପତ୍ରରେ ଦିଆଯାଇଥିବା ଆଶ୍ୱାସନା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନାହିଁ ।

29 ଜାନୁଆରୀ, 1998 ରେ ଗେଜେଟ୍ ଅଧିସୂଚନା ମାଧ୍ୟମରେ ନିଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦାଖଲ ହୋଇଥିବା ବିବରଣୀରୁ ଆମେ ଜାଣିବାକୁ ପାଇଛୁ ଯେ ପ୍ରସ୍ତାବିତ ହୋଇଥିବା କୌଣସି ପ୍ରମୁଖ କାର୍ଯ୍ୟ କାର୍ଯ୍ୟକାରୀ ହୋଇନାହିଁ । ଶ୍ରୀ ଭୁରେ ଲାଲଙ୍କ ନେତୃତ୍ୱାଧୀନ କର୍ତ୍ତୃପକ୍ଷ ମଧ୍ୟ ବାୟୁର ଗୁଣବତ୍ତାରେ ତୁରନ୍ତ ଉନ୍ନତି ପାଇଁ କେତେକ ପଦକ୍ଷେପ ପ୍ରସ୍ତାବ ଦେଇଛନ୍ତି ଏବଂ ଏକ ସମୟସୀମା ଦେଇଛନ୍ତି, କିନ୍ତୁ ବର୍ତ୍ତମାନ ଆମେ ସେହି ସମୟସୀମା ପ୍ରତି ଧ୍ୟାନ ଦେଉ ନାହୁଁ । ତଥାପି, ଆମର ମତ ହେଉଛି ଯେ ବାୟୁର ବର୍ଦ୍ଧିତ ପ୍ରଦୂଷଣକୁ ରୋକିବା ପାଇଁ ତୁରନ୍ତ କିଛି ପଦକ୍ଷେପ ନେବା ଆବଶ୍ୟକ, ତେଣୁ ଆମେ ନିର୍ଦ୍ଦେଶ ଦେଉଛୁ : -

1. *1998 ମସିହା ଅକ୍ଟୋବର 2* ତାରିଖ ସୁଦ୍ଧା 15 ବର୍ଷ ପୁରୁଣା ଭଡାଗାଡ଼ି ସମେତ ବାଣିଜ୍ୟିକ ଯାନ ଚଳାଚଳ ଉପରେ କଟକଣା ଲାଗୁ କରିବା ଲାଗି ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବା ।

2. ଦିନ ସମୟରେ ମାଲବାହୀ ଯାନ ଚଳାଚଳ ଉପରେ କଟକଣା *15 ଅଗଷ୍ଟ, 1998* ସୁଦ୍ଧା କଡାକଡି ଭାବେ ଲାଗୁ କରାଯିବ ।

3. ପୂର୍ବ ମିଶ୍ରିତ ତୈଳ ବିତରଣକାରୀ (ପେଟ୍ରୋଲ ଏବଂ 2T ତୈଳ) ଗୁଡ଼ିକର ସମ୍ପ୍ରସାରଣ *31 ଡିସେମ୍ବର, 1998* ସୁଦ୍ଧା କରାଯିବ ।

4. ପେଟ୍ରୋଲ ଷ୍ଟେସନ ଏବଂ ସର୍ଭିସ୍ ଗ୍ୟାରେଜରେ ଖୋଲା 2T ତୈଳ ଯୋଗାଣ ଉପରେ ପ୍ରତିବନ୍ଧକ *31 ଡିସେମ୍ବର, 1998* ସୁଦ୍ଧା ଲାଗୁ ହେବ ।

ଶ୍ରୀ ଭୁରେ ଲାଲଙ୍କ ନେତୃତ୍ୱାଧୀନ କମିଟି ମଧ୍ୟ ନ୍ୟାୟାଳୟରେ ଦାଖଲ ହୋଇଥିବା କାର୍ଯ୍ୟାନୁଷ୍ଠାନ ବିବରଣୀରେ ସମୟ ସୀମା ମଧ୍ୟରେ ନିମ୍ନଲିଖିତ ପଦକ୍ଷେପ ବିଷୟରେ ପ୍ରସ୍ତାବ ଦେଇଛନ୍ତି ।

*ସମୟ ସୀମା। ।*

(A) ସାର୍ବଜନୀନ ପରିବହନ (ରାଜ୍ୟ ପରିବହନ) କୁ 10,000 ବସକୁ ବୃଦ୍ଧି କରିବ। । 1.4.2001

(B) କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରସ୍ତାବିତ ଏବଂ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଦ୍ୱାରା ସହମତ ହେବା ଅନୁଯାୟୀ ଏନ.ସି.ଟି. ଦିଲ୍ଲୀରୁ ସୀସା ଯୁକ୍ତ ପେଟ୍ରୋଲକୁ ହଟାଇବା । 1.9.1998

(C)ସମସ୍ତ ପେଟ୍ରୋଲ ଫିଲିଂ ଷ୍ଟେସନରେ ଦୁଇ-ଷ୍ଟ୍ରୋକ୍ ଇଞ୍ଜିନ୍ ଯାନଗୁଡ଼ିକୁ କେବଳ ପ୍ରି-ମିକ୍ସ ପେଟ୍ରୋଲ ଯୋଗାଣ । 31.12.1998

(D)1990 ମସିହା ପୂର୍ବର ସମସ୍ତ ଅଟୋ ଏବଂ ଟ୍ୟାକ୍ସିକୁ ସ୍ୱଚ୍ଛ ଇନ୍ଧନରେ ନୂତନ ଯାନ ସହିତ ବଦଳାଇବା । 31.3.2000

(E) 1990 ମସିହା ପରେ ସମସ୍ତ ଅଟୋ ଏବଂ ଟ୍ୟାକ୍ସି ବଦଳରେ ସ୍ୱଚ୍ଛ ଇନ୍ଧନରେ ନୂଆ ଯାନ ଆଣିବା ଲାଗି ଆର୍ଥିକ ପ୍ରୋତ୍ସାହନ । 31.3.2001

(F) CNG କିମ୍ବା ଅନ୍ୟାନ୍ୟ ସ୍ୱଚ୍ଛ ଇନ୍ଧନ ବ୍ୟତୀତ କୌଣସି 8 ବର୍ଷ ପୁରୁଣା ବସ୍ ଚଳାଚଳ କରିବ ନାହିଁ । 1.4.2000

(G) ସମଗ୍ର ସିଟି ବସ୍ ଫ୍ଲିଟ୍ (ଡିଟିସି ଏବଂ ଘରୋଇ) କୁ ସି.ଏନ୍.ଜି. ରେ ଏକକ ଇନ୍ଧନ ମୋଡରେ ପରିବର୍ତ୍ତନ କରାଯିବ । 31.3.2001

(H)ଆନ୍ତଃରାଜ୍ୟ ବସ୍ ପ୍ରବେଶ କାରଣରୁ ପ୍ରଦୂଷଣ ଏଡ଼ାଇବା ପାଇଁ ଉତ୍ତର ଏବଂ ଦକ୍ଷିଣ-ପଶ୍ଚିମରେ ପ୍ରବେଶ ପଥରେ ନୂତନ ଆଇ.ଏସ୍.ବି.ଟି. ନିର୍ମାଣ କରାଯିବ । 31.3.2000

(I) GAIL 9 ରୁ 80ଟି ସି.ଏନ୍.ଜି. ଯୋଗାଣ କେନ୍ଦ୍ରଗୁଡ଼ିକୁ ତ୍ୱରାନ୍ୱିତ ଏବଂ ସମ୍ପ୍ରସାରିତ କରିବ । 31.3.2000

(J) ଦୁଇଟି ସ୍ୱାଧୀନ ଇନ୍ଧନ ପରୀକ୍ଷଣ ପରୀକ୍ଷାଗାର ପ୍ରତିଷ୍ଠା କରାଯିବ । 1.6.1999

(K) ପ୍ରଥମ ପର୍ଯ୍ୟାୟରେ ବାଣିଜ୍ୟିକ ଯାନବାହନ ପାଇଁ ସ୍ୱୟଂକ୍ରିୟ ଯାଞ୍ଚ ଏବଂ ରକ୍ଷଣାବେକ୍ଷଣ ସୁବିଧା ସ୍ଥାପନ କରାଯିବ । ତୁରନ୍ତ

(L) ଘରୋଇ କ୍ଷେତ୍ରର ପରିବହନ ବିଭାଗ ଦ୍ୱାରା ବ୍ୟାପକ ଆଇ/ଏମ୍ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । 31.3.2000

(M)ସି.ପି.ସି.ବି./ଡି.ପି.ସି.ସି. ନୂତନ ଷ୍ଟେସନ ସ୍ଥାପନ କରିବ ଏବଂ ବାୟୁ ପ୍ରଦୂଷଣ ପାଇଁ ପ୍ରଚଳିତ ବାୟୁ ଗୁଣବତ୍ତା ମନିଟରିଂ ଷ୍ଟେସନକୁ ମଜବୁତ କରିବ । 1.4.2000

## ଏମ୍.ସି. ମେହତା ବନାମ ୟୁ.ଓ.ଆଇ.

ଶ୍ରୀ ଭୁରେ ଲାଲ୍ କମିଟି ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଏବଂ ନିର୍ଦ୍ଧାରିତ ସମୟସୀମାକୁ ଆମେ ଅନୁମୋଦନ କରୁଛୁ । ସେହି କମିଟି ଏବଂ ଆଜି ଏହି ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ସମୟସୀମା, ପକ୍ଷମାନଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ପରାମର୍ଶରେ, ସମସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା କଡାକଡି ଭାବରେ ପାଳନ କରାଯିବ, ଯେଉଁମାନେ ଉଭୟ ମୁଦ୍ରିତ ଏବଂ ବୈଦ୍ୟୁତିକ ଗଣମାଧମ ମାଧମରେ ସାଧାରଣତଃ ଏହି ନ୍ୟାୟାଳୟ ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ବିଭିନ୍ନ ନିର୍ଦ୍ଦେଶାବଳୀ ଏବଂ ବିଶେଷ ଭାବରେ ଏଠାରେ ଉପରୋକ୍ତ ନିର୍ଦ୍ଦେଶାବଳୀକୁ ଜନସାଧାରଣଙ୍କ ଦୃଷ୍ଟିକୁ ଆଣିବା ପାଇଁ ପ୍ରଭାବଶାଳୀ ଏବଂ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରିବେ । ଏ ସଂକ୍ରାନ୍ତରେ ଚାରି ସପ୍ତାହ ମଧ୍ୟରେ ନ୍ୟାୟାଳୟରେ ବିବରଣୀ ଦାଖଲ କରାଯିବ । ଆମେ, ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ଏକ ଦୃଢ଼ ଚେତାବନୀ ଦେଉଛୁ ଯେ ଏଠାରେ ଉପରୋକ୍ତ କୌଣସି ନିର୍ଦ୍ଦେଶକୁ ପାଳନ କରିବାରେ ବିଫଳ ହେଲେ ଖିଲାପକାରୀଙ୍କ ବିରୋଧରେ ନ୍ୟାୟାଳୟ ଅବମାନନା ଅଧିନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

ଆର୍.ପି. ଆବେଦନ ଏବେବି ବିଚାରାଧୀନ ରହିଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*<u>ଭାଷାନ୍ତର :</u>*

ରଶ୍ମିତା ମୁର୍ମୁ ,

ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।